# ମଙ୍ଗଳବାର ଯାଏ ୟୁନିଟ୍ ୧ ହାଟ ବନ୍ଦ



ହାଟ ପରିସରରେ ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି।

ଭୁବନେଶ୍ୱର, ୨୯।୯ (ବନ୍ଦନା ସେଠୀ)

ମାର୍କେଟ ଆସୋସିଏଶନ୍ ଏବଂ ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦର କୌଣସି ସମାଧାନ ହୋଇ ପାରି ନ ଥିବାରୁ ଶୁକ୍ରବାର ମଧ୍ୟ ଦିନ ତମାମ ୟୁନିଟ୍-୧ ହାଟ ବନ୍ଦ ରହିଥିଲା। ତେବେ ଏନେଇ ଆସୋସିଏଶନ୍ ପକ୍ଷରୁ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରାଯାଇଥିଲା। ଶତାଧିକ ବ୍ୟବସାୟୀ ବିଏମ୍‌ସି ମୁଖ୍ୟାଳୟକୁ ଯାଇଥିଲେ। ଆଲୋଚନା ପରେ ସମସ୍ୟାର ସମାଧାନ ପାଇଁ କମିଶନର ମଙ୍ଗଳବାର ପର୍ଯ୍ୟନ୍ତ ସମୟ ମାଗିଥିଲେ। ତେଣୁ ସେ ପର୍ଯ୍ୟନ୍ତ ହାଟକୁ ବନ୍ଦ ରଖିବା ନେଇ ରାଜଧାନୀ ଦୈନିକ ହାଟ ବ୍ୟବସାୟୀ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହା ମଧ୍ୟରେ କମିଶନର ଓ ତାଙ୍କ ଟିମ୍ ମାର୍କେଟ ଆସି ସ୍ଥିତି ସମୀକ୍ଷା କରିବେ ବୋଲି ସୂଚନା ଦିଆଯାଇଛି। ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ଦ୍ୱାରା ଜବରଦଖଲ, ପାର୍କିଂ ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ହାଟ ବ୍ୟବସାୟୀମାନେ ଧାରଣାରେ ବସିଛନ୍ତି। ଏସବୁ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ହାଟ ବନ୍ଦ ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

### ସମାଧାନ ପାଇଁ ସମୟ ମାଗିଲା ବିଏମ୍‌ସି

ରାଜ୍ୟର ପ୍ରମୁଖ ତଥା ସବୁଠାରୁ ବଡ଼ ହାଟ ହେଉଛି ୟୁନିଟ୍-୧ ହାଟ। ବିଶେଷକରି ଏଠାରେ କମ୍ ଦାମ୍‌ରେ ସବୁ ପ୍ରକାର ଜିନିଷ ମିଳୁଥିବାରୁ ରାଜଧାନୀ ସମୟରେ କାହିଁ କେତେ ଦୂରରୁ ପ୍ରତିଦିନ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି। ପୁଣି ଆଗକୁ ପୂଜା ଆସୁଥିବାରୁ ବ୍ୟବସାୟ ଭଲ ହେବାର ଆଶା ଥିଲା। ମାତ୍ର ମାର୍କେଟ ଆସୋସିଏଶନ୍ ଓ ଭେଣ୍ଡିଂଜୋନ୍ ବ୍ୟବସାୟୀଙ୍କ ମଧ୍ୟରେ ବିବାଦ ଯୋଗୁ ମାର୍କେଟ ଭିତରେ ୧୪ଶହରୁ ଊର୍ଦ୍ଧ୍ୱ ଦୋକାନରେ ତାଲା ପଡିଛି। ସେହିପରି ଆସୋସିଏଶନ୍‌କୁ ବିରୋଧ କରି ଭେଣ୍ଡିଜୋନ୍ ବ୍ୟବସାୟୀମାନେ ମଧ୍ୟ ଦୋକାନ ବନ୍ଦ ରଖିଥିଲେ। ଫଳରେ ଗୋଟିଏ ଦିନରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଛି। ଏଥିସହ ଗ୍ରାହକମାନେ ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ଭେଣ୍ଡିଂଜୋନ ବ୍ୟବସାୟୀମାନେ ଦୋକାନ ଆୟତ୍ତନର ଦୁଇଗୁଣ ବାହାରକୁ ଜବରଦଖଲ କରି ରଖୁ ଥିବାରୁ ଗ୍ରାହକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଗାଡି ପାର୍କିଂ କରି ପାରୁ ନ ଥିବାରୁ ବାଧହୋଇ ହାଟ ପାର୍ଶ୍ୱ ରାସ୍ତାରେ ପାର୍କିଂ କରୁଛନ୍ତି। ମାତ୍ର ସେଠାରେ ପାର୍କିଂ ସମ୍ପୂର୍ଣ୍ଣ ବାରଣ ଥିବାରୁ କେତେବେଳେ ଟ୍ରାଫିକ୍ ପୋଲିସ ତ ଆଉ କେତେବେଳେ ବିଏମ୍‌ସି ଟିମ୍ ଆସି ଗାଡ଼ି ଉଠାଇ ନେଉଛି। ଶହେ ଟଙ୍କାର ଜିନିଷ କିଣିବାକୁ ଆସି ଲୋକଙ୍କୁ ହଜାର ହଜାର ଟଙ୍କା ଜରିମାନା ଦେବାକୁ ପଡୁଛି। ତେଣୁ ଅଧିକାଂଶ ଗ୍ରାହକ ହାଟକୁ ଆସିବାକୁ ପସନ୍ଦ କରୁନାହାନ୍ତି ଓ ବେପାର ଧୀରେ ଧୀରେ କମୁଥିବା ହାଟ ବ୍ୟବସାୟୀମାନେ କହିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଉଭୟ ପକ୍ଷ ମଧ୍ୟରେ ଜବରଦଖଲକୁ ନେଇ ପ୍ରଥମେ କଥା କଟାକଟି ହେବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଘଟଣା ଥାନାକୁ ଯାଇଥଲେ ବି ସେଠାରେ କୌଣସି ସମାଧାନ ହୋଇ ପାରି ନ ଥିଲା। ପ୍ରତିବାଦରେ ୟୁନିଟ୍-୧ ହାଟ ବ୍ୟବସାୟୀମାନେ ଦୋକାନ ବନ୍ଦ କରିବା ସହ ଗେଟ୍‌ରେ ତାଲା ପକାଇ ଦେଇଥିଲେ।




ୟୁନିଟ୍-୧ ମାର୍କେଟ ବିଲ୍ଡିଂରେ ସ୍ଥାୟୀ-ଅସ୍ଥାୟୀ ଦୋକାନୀଙ୍କ ମଧ୍ୟରେ ବିବାଦ ପରେ ଏବେ ୟୁନିଟ୍-୧ ହାଟରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସାଧାରଣ ଲୋକେ ହନ୍ତସନ୍ତ ହେଉଛନ୍ତି।

## ସଂକ୍ଷେପରେ

### ମା'ଙ୍କୁ ହତ୍ୟା ଉଦ୍ୟମ, ପୁଅ ଗିରଫ

ବାରଙ୍ଗ,୨୯।୯(ଲିଙ୍ଗରାଜ ରାଉତ): ମା'ଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଶୁକ୍ରବାର ତାଙ୍କ ପୁଅ ତଥା ମଧୁପୁର ଗ୍ରାମର ସୌଭାଗ୍ୟ ପ୍ରଧାନ ଓରଫ ଟୁଲୁଙ୍କୁ ବାରଙ୍ଗ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ, ମଧୁପୁର ଗାଁର ପ୍ରେମଲତା ପ୍ରଧାନଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ଚଳାଇବାରେ ଅସୁବିଧା ଦେଖାଦେଇଥିଲା। ଗତ ଜୁନ୨୩ରେ ସୌଭାଗ୍ୟ ତାଙ୍କ ମା'ପ୍ରେମଲତାଙ୍କୁ ୧୨ହଜାରେ ଟଙ୍କା ଦେବାକୁ କହିଥିଲେ। ସେ ମନାକରିବାକୁ ଉତ୍କ୍ଷିପ୍ତ ହୋଇ ଟୁଲୁ ତାଙ୍କ ମା'ଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏନେଇ ପ୍ରେମଲତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୩୧/୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ୩ମାସ ପରେ ପୋଲିସ ଟୁଲୁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହତ୍ୟା, ଚୋରି, ଡକାୟତି ଆଦି ଅପରାଧରେ ଟୁଲୁଙ୍କ ସମ୍ପୃକ୍ତି ରହିଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି।

### ୧୧ ଦଫା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲିପାଟଣା।,୨୯।୯(ଅଭିମନ୍ୟୁ ନାୟକ): ଲୋକଜନଶକ୍ତି ପାର୍ଟି ପକ୍ଷରୁ ଶୁକ୍ରବାର ୧୧ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, କୃଷି ବିଭାଗରେ ଭିଏଡବ୍ଲୁ ନିଯୁକ୍ତି, ଧାନମଣ୍ଡିରେ କଟନୀଛଟନି ବନ୍ଦ, ତୁରନ୍ତ ପାନୀୟ ଜଳଯୋଗାଣ, ପରିମଳ ବ୍ୟବସ୍ଥା, ଚାଷଜମିରୁ ଉଦବୃତ୍ତ ଜଳ ନିଷ୍କାସନ, ଚାଷ ସମୟ ପୂର୍ବରୁ ବିହନ ଓ ରବି ଫସଲ ମଞ୍ଜି ଯୋଗାଣ, ଉଦ୍ୟାନ ବିଭାଗ ଚାରା ସୁଚାରୁ ବଣ୍ଟନ, ଆବଶ୍ୟକ ରାସ୍ତାଗୁଡିକର କାମ, ଫାଣ୍ଡିକୁ ଥାନାର ମାନ୍ୟତା ଆଦି ଦାବି ରହିଛି। ଏହି ଦାବିଗୁଡିକ ୧୫ଦିନ ମଧ୍ୟରେ ପୂରଣ ନ ହେଲେ ବାଲିପାଟଣା ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି ଦଳର ରାଜ୍ୟ ସଭାପତି ଚିତ୍ତରଞ୍ଜନ ମଲ୍ଲିକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ରାଜଧାନୀରେ ମୁଖା ପିନ୍ଧା ଚୋର ସକ୍ରିୟ

### ଘର ଭିତରୁ ମୋବାଇଲ, ଦାମୀ ଜିନିଷ ଚୋରି

ଭୁବନେଶ୍ୱର,୨୯।୯ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ମାତିଛନ୍ତି ମୁଖା ପିନ୍ଧା ଚୋର। ଗୁରୁବାର ବିଳମ୍ବିତ ରାତିରେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗରର ଜଣେ ବ୍ୟକ୍ତିଙ୍କ ଘରେ ପଶି ମୋବାଇଲ ଓ ଦାମୀ ଜିନିଷ ଚୋରି କରି ଚମ୍ପଟ ମାରିଛନ୍ତି। ୨ଜଣ ଦୁର୍ବୃତ୍ତ ଘରେ ଭିତରେ ଚୋରି କରୁଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ଘର ମାଲିକ ପ୍ରାଣକୃଷ୍ଣ ମିଶ୍ର ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମନରେ ଚୋରି ଭୟ ଘାରିଛି। ପୋଲିସ ଠିକ୍ ଭାବେ ପାଟ୍ରୋଲିଂ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ଭୋର ୩ଟାରେ ପ୍ରାଣକୃଷ୍ଣ ଗେଟ୍ ଆଗରେ ଛିଡା ହୋଇଥିବାବେଳେ ତାଙ୍କ ବୋହୂ ନିକଟରେ ଫୁଲ ତୋଳୁଥିଲେ। ଏହି ସମୟରେ ୨ଜଣ ଯୁବକ କୌଶଳକ୍ରମେ ତାଙ୍କ ଘର ଭିତରେ ପଶି ଜଣେ ମହିଳାଙ୍କ ମୁହଁକୁ ନିଶା ସ୍ପ୍ରେ କରି ମୋବାଇଲ ଓ ଦାମୀ ଜିନିଷ ଚୋରି କରିନେଇଥିଲେ। ପ୍ରାଣକୃଷ୍ଣ ଓ ତାଙ୍କ ବୋହୂ ଘରକୁ ଆସିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ।

### ଅଚିହ୍ନା ନାବାଳକ ଉଦ୍ଧାର



ଭୁବନେଶ୍ୱର, ୨୯।୯ (ସତ୍ୟଜିତ୍ ରାଉତ): ଖାରବେଳନଗର ଥାନା ଅନ୍ତର୍ଗତ ଉତ୍କଳ ଦୃଷ୍ଟିହୀନ ସଂଘ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବୁଲାବୁଲି କରୁଥିବା ଜଣେ ଅଜଣା ନାବାଳକଙ୍କୁ ପୋଲିସ ଉଦ୍ଧାର କରିଛି। ତାଙ୍କ ବୟସ ୪ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ପଚରାଉଚରା ବେଳେ ନାବାଳକ ଜଣକ ତାଙ୍କ ମା'ବାପା କିମ୍ବା ଠିକଣା ଠିକ ଭାବରେ କହିପାରୁନାହାନ୍ତି। ତେଣୁ କେହି ଜାଣିଥିଲେ ଖାରବେଳନଗର ଥାନାଧିକାରୀଙ୍କ ମୋବାଇଲ ନଂ. (୯୪୩୮୩୨୮୧୯୧)କୁ ଯୋଗାଯୋଗ କରିବାକୁ କୁହାଯାଇଛି। ପୋଲିସ ପକ୍ଷରୁ ଉଦ୍ଧାର ନାବାଳକଙ୍କୁ ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।




ସତ୍ୟସାଇ ଦକ୍ଷତା ବିକାଶ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟମାନେ।

## ସତ୍ୟସାଇ ଦକ୍ଷତା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ରାଜ୍ୟପାଳ

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ସତ୍ୟସାଇ ଟ୍ରଷ୍ଟ ଅଧୀନରେ ଥିବା ସତ୍ୟସାଇ ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ସମସାମୟିକ କୌଶଳ ଶିକ୍ଷା ଦେବା ପାଇଁ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୪ ହଜାର ବର୍ଗଫୁଟରୁ ଅଧିକ ଅଞ୍ଚଳରେ ଏହି ପ୍ରସ୍ତାବିତ ଦକ୍ଷତା ବିକାଶ କେନ୍ଦ୍ର ନିର୍ମାଣ ହେବ। ଏହି କେନ୍ଦ୍ର ପ୍ରଥମ ପର୍ଯ୍ୟାୟରେ ତଥ୍ୟ ସଂକଳନ, ଫ୍ୟାଶନ ଡିଜାଇନ, ଖାଦ୍ୟ ପ୍ରକ୍ରିୟାକରଣ, ଜୈବିକ କୃଷି କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ କରିବ। କାର୍ଯ୍ୟକ୍ରମରେ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସ ପ୍ରଶାନ୍ତିନିଳୟମର ପରିଚାଳନା ନ୍ୟାସୀ ଆର୍.ଜେ.ରତ୍ନାକର ଉପସ୍ଥିତ ଥିଲେ। କର୍ନାଟକ ଓ ଗୋଆ ଆୟକର ବିଭାଗର ମୁଖ୍ୟ କମିଶନର ଜଷ୍ଟି କ୍ରିଷ୍ଣା କିଶୋର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆର.ଜେ. ରତ୍ନାକର ଦେଶ ନିର୍ମାଣ ପାଇଁ ଯୁବ ମହିଳାମାନଙ୍କୁ ସମସ୍ତ ପ୍ରକାରର ଶିକ୍ଷା ପ୍ରଦାନ ନିମନ୍ତେ ସତ୍ୟସାଇ ବାବା ଦେଇଥିବା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

## ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଲା ଯୁବ ଉତ୍ସବ



ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଆକାଶବାଣୀ କଟକ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ 'ଯୁବ ଉତ୍ସବ ଓ ସଙ୍ଗୀତ ବିଚିତ୍ରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଜି-୨୦ କାର୍ଯ୍ୟକ୍ରମର ଏକ ଅଂଶ ଭାବେ 'ବସୁଧୈବ କୁଟୁମ୍ବକମ' ର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସମ୍ପର୍କରେ ଆକାଶବାଣୀର କାର୍ଯ୍ୟକ୍ରମ ନିଷ୍ପାଦକ ଅନନ୍ତ ପ୍ରସାଦ ଜେନା ସୂଚନା ଦେଇଥିଲେ। କେନ୍ଦ୍ରର ଅନ୍ୟତମ କାର୍ଯ୍ୟକ୍ରମ ନିଷ୍ପାଦକ ଦୁର୍ଗା ମାଝି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଗୀତା ମଞ୍ଜରୀ ବେହେରା ଓଡିଶୀ, ଛାନ୍ଦ ଓ ଗୀତଗୋବିନ୍ଦ ସମ୍ପର୍କିତ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟଏକ କାର୍ଯ୍ୟକ୍ରମରେ ଗୁରୁ ସପ୍ତେଶର ଚକ୍ରବର୍ତ୍ତୀ ଓ ଶ୍ରୀନିବାସ ଶତପଥୀ ଯୁଗଳବନ୍ଦୀରେ ସୀତାର ଓ ବଂଶୀ ବାଦନ କରି ଦର୍ଶକଙ୍କ ମନ ମୋହିଥିଲେ। ଗୁରୁ ଧନେଶ୍ୱର ସ୍ୱାଇଁ, ବୁଦ୍ଧିନାଥ ସ୍ୱାଇଁ, ବିଶ୍ୱରଞ୍ଜନ ନନ୍ଦଙ୍କ ସମେତ ପ୍ରଫେସର ସଙ୍ଗୀତା ଗୋସାଇଁ ଉପସ୍ଥିତ ଶ୍ରୋତାଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ଼. ଚକ୍ରଧର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ମନୋରଞ୍ଜନ ପ୍ରଧାନ, ଡ. ସମ୍ବରୁ ସୋବାର, ଡ. ଜବାହର ମିଶ୍ର, ଅଧ୍ୟାପକ ସନ୍ଦୀପ ରାଉତ, ଡ. ନୀଳାଦ୍ରି କଲ୍ୟାଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ. ସୁମିତ୍ରା ଗୋସାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ଲକ୍ଷ ଟଙ୍କାର ହେରୋଇନ ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୯।୯ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମହାବୀର ବସ୍ତିରେ ବେଆଇନ ଭାବେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ମହିଳାଙ୍କୁ ଅବକାରୀ ବିଭାଗ ଚଢାଉ କରି ଗିରଫ କରିଛି। ସେ ହେଲେ ରଞ୍ଜୁଲତା ଶତପଥୀ(୫୩)। ତାଙ୍କଠାରୁ ୭୧ ଗ୍ରାମ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ତେବେ ମହିଳା ଜଣକ କେଉଁଠୁ ହେରୋଇନ ଆଣୁଥିଲେ,ଏହି କାରବାର କେବେଠାରୁ କରୁଥିଲେ ତାହାର ଅଧିକ ତଦନ୍ତ ଚଳାଇଛି ପୋଲିସ।

## ଝଲସିବ ରାଷ୍ଟ୍ରପତି ଭବନ ପୂଜା ମଣ୍ଡପ



### ଧରାବତରଣ କରିବେ ମା'

ଭୁବନେଶ୍ୱର, ୨୯।୯ (ବନ୍ଦନା ସେଠୀ)

ଉତ୍ସାହ ଉଦ୍ଦୀପନା ସହ ଫେରିଛି ପାର୍ବଣ। କାଶତଣ୍ଡୀ ଫୁଲର ସମ୍ଭାରରେ ସଜେଇ ହେଉଛି ସହରର ପରିବେଶ। ନିଜ ଉପସ୍ଥିତିକୁ ଜାହିର କରିବା ସହ ମା' ଦଶଭୂଜାଙ୍କ ଧରାବତରଣର ସମୟ ପାଖେଇ ଆସୁଥିବାର ସଙ୍କେତ ଦେଉଛି। ତେଣୁ ମା'ଙ୍କୁ ସ୍ୱାଗତ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି ପର୍ବ। ବିଶେଷକରି ବିଭିନ୍ନ ପୂଜା ମଣ୍ଡପଗୁଡିକ ଚଳଚଞ୍ଚଳ ହେବାରେ ଲାଗିଛି। ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ସୁସଜ୍ଜିତ ତୋରଣ ସାଙ୍ଗକୁ ଆଖି ଝଲସାଇଦେବା ପରି ଆଲୋକ ସଜ୍ଜାରେ ସଜେଇ ହେବ ସାରା ସହର। ଏଥିପାଇଁ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ କାମ ମଧ୍ୟ ଆଗେଇ ଚାଲିଛି। ରାଜଧାନୀର ପ୍ରମୁଖ ପୂଜା ମଣ୍ଡପକୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା 'ଧରାବତରଣ କରିବେ ମା'। ରାଜଧାନୀ ଭୁବନେଶ୍ୱରରେ ଶୋଭା ପାଇବ ରାଷ୍ଟ୍ରପତି ଭବନ। ଏଥର ଦଶହରାରେ ଟଙ୍କପାଣି ରୋଡ୍ ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ହେବ ଏହି ସୁଉଚ୍ଚ ତୋରଣ। ଏହା ସାଙ୍ଗକୁ ଆଖିଖୋସା ଆଲୋକସଜ୍ଜା। ଚଳିତବର୍ଷ କମିଟି ପକ୍ଷରୁ ୧୪ତମ ପୂଜା ଅନୁଷ୍ଠିତ ହେଉଥିବାବେଳେ ମୋଟ୍ ୧୭ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। ମାଟି ଅନୁକୂଳ ସରିବା ପରେ ଏବେ ତୋରଣ ନିର୍ମାଣ କାର୍ଯ୍ୟରେ ଲାଗିପଡିଛନ୍ତି କାରିଗର। ତୋରଣର ଉଚ୍ଚତା ୮୦ଫୁଟ ରହିଥିବାବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୭ଫୁଟ ରହିଛି। କଲିକତା କାରିଗରଙ୍କ ଦ୍ୱାରା ଉଭୟ ତୋରଣ ଏବଂ ମୂର୍ତ୍ତିର ନିର୍ମାଣ କାମ ଚାଲୁ ରହିଛି। ଅକ୍ଟୋବର ୨୦ ଷଷ୍ଠୀରେ ମା'ଙ୍କ ଘଟ ସ୍ଥାପନ କରାଯିବ। ଚାନ୍ଦି ହାରରେ ସଜେଇ ହେବେ ମା'। ସପ୍ତମୀରେ ଚକ୍ଷୁଦାନ ପରେ ରୀତିନୀତି ଅନୁଯାୟୀ ଅଷ୍ଟମୀ, ନବମୀ ଏବଂ ଦଶମୀରେ ପୂଜାର୍ଚ୍ଚନା କରାଯିବ। ଅଷ୍ଟମୀ ଦିନ ଟଙ୍କପାଣି ଅଞ୍ଚଳର ପ୍ରାୟ ୫ହଜାର ଲୋକଙ୍କ ଘରେ ଖେଚୁଡି ଭୋଗ ବଣ୍ଟାଯିବ। ସପ୍ତମୀରୁ ନବମୀ ପର୍ଯ୍ୟନ୍ତ ୩ଦିନ ମେଲୋଡି କାର୍ଯ୍ୟକ୍ରମ କରାଯିବ। ଏଥିରେ ତାରିକ୍ ଅଜିଜ୍, ନାସିର୍‌ଙ୍କ ଭଳି ବହୁ ଲୋକପ୍ରିୟ କଣ୍ଠଶିଳ୍ପୀ ଯୋଗଦେବେ। ସେହିପରି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପାରମ୍ପରିକ ବାଦ୍ୟରେ ଭସାଣି ଉତ୍ସବ କରାଯିବ। ଏଥିସହ ସୁରକ୍ଷା ଦୃଷ୍ଟିରୁ ମଣ୍ଡପ ଆଖପାଖରେ ୮ଟି ସିସିଟିଭି କ୍ୟାମେରା ଲଗାଯିବ। ଏବଂ ଟ୍ରାଫିକ୍ ସମସ୍ୟାକୁ ଏଡାଇବା ପାଇଁ ୫୦ରୁ ଊର୍ଦ୍ଧ୍ୱ ଭଲ୍ୟୁଣ୍ଟର ରହିବେ।



**ଟଙ୍କପାଣି ରୋଡ୍ ଦୁର୍ଗାପୂଜା କମିଟି**

### ଏମାନଙ୍କ ମତରେ...

**ରାଷ୍ଟ୍ରପତିଙ୍କୁ ସମ୍ମାନ ଜଣାଇ ରାଷ୍ଟ୍ରପତି ଭବନ**



ପ୍ରଥମ ଓଡ଼ିଆ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସମ୍ମାନ ଜଣାଇ ଚଳିତ ବର୍ଷ ତୋରଣରେ ରାଷ୍ଟ୍ରପତି ଭବନ ନିର୍ମାଣ କରାଯିବ। ବ୍ରହ୍ମେଶ୍ୱର ପାଟଣା ଛକ ଠାରୁ ଜଗନ୍ନାଥ ଆଶ୍ରମ ଏବଂ ଚିଲି ପୋଖରୀ ଉଭୟ ରାସ୍ତାକୁ ଆଲୋକରେ ସଜାଯିବ। ଶ୍ରଦ୍ଧାଳୁମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ମା'ଙ୍କ ଦର୍ଶନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି।

-ଗୋଲକ ଦାସ, ସଭାପତି

**ପାରମ୍ପରିକ ବାଦ୍ୟରେ ହେବ ଭସାଣୀ**



ଭସାଣିରେ ଡିଜେ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ। ପ୍ରାୟ ୭୦ଜଣ ଘଣ୍ଟୁଆ, ଘୋଡାନାଚ, ତେଲିଙ୍ଗି, ସିଙ୍ଗବାଦ୍ୟ ଆଦି ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦେବୁ। ଦର୍ଶନ ବ୍ୟବସ୍ଥାର ସୁପରିଚାଳନା ତଥା ଟ୍ରାଫିକ୍ ସମସ୍ୟାକୁ ଏଡାଇବା ପାଇଁ ସ୍ୱେଚ୍ଛାସେବୀ ରହିବେ।

-ସିଲନ୍ ଦାସ, କୋଷାଧ୍ୟକ୍ଷ

**ଅଷ୍ଟମୀରେ ପ୍ରତି ଘରେ ଖେଚୁଡି ଭୋଗ ବଣ୍ଟାଯିବ**



ସାଜସଜ୍ଜା ଅପେକ୍ଷା ରୀତିନୀତିରେ ପୂଜା କରିବା ଉପରେ କମିଟି ସର୍ବଦା ଗୁରୁତ୍ୱ ଦେଇଥାଏ। ଦର୍ଶନ ସାଙ୍ଗକୁ ମନୋରଞ୍ଜନ ପାଇଁ ୩ଦିନ ଧରି ମେଲୋଡି କରାଯିବ। ସେହିପରି ସ୍ଥାନୀୟ ଅଞ୍ଚଳ ପ୍ରତି ଘରେ ଅଷ୍ଟମୀରେ ଖେଚୁଡି ଭୋଗ ବଣ୍ଟାଯିବ। ସମସ ଅଭାବ ହେଲେ ନବମୀ ଦିନ ମଧ୍ୟ ଭୋଗ ବଣ୍ଟାଯିବ।

-ସନ୍ତୋଷ କୁମାର ସାହୁ, ସମ୍ପାଦକ

## ସଂକ୍ଷେପରେ

### ବଳରାମ ଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ପଦବୀ ଖାଲି

ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ଦୀର୍ଘ ୧୫ମାସ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ଏଠାରେ ପ୍ରଧାନ ଶିକ୍ଷକ ପଦବୀ ଦ୍ୱିତୀୟ ଶ୍ରେଣୀ ପାହ୍ୟାର। ୫-ଟି ରୂପାନ୍ତର ବିଦ୍ୟାଳୟ, ବ୍ଲକ ସଦର ମହକୁମାର ଏହି ବିଦ୍ୟାଳୟରେ ବର୍ଷତମାମ୍ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ, ପରୀକ୍ଷା, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଥିବା ବିଦ୍ୟାଳୟରେ ଶୈକ୍ଷିକ ପରିବେଶ, ଶୃଙ୍ଖଳା ରକ୍ଷା ସହ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପାଦନା କରିବା କଷ୍ଟସାଧ। ପ୍ରଧାନ ଶିକ୍ଷକ ପଦବୀରେ ଥିବା ବରିଷ୍ଠ ଶିକ୍ଷକଙ୍କ ନିର୍ଦ୍ଦେଶ ସହକର୍ମୀମାନେ ମାନିବା କଷ୍ଟକର ହୋଇଥାଏ। ତେଣୁ ତୁରନ୍ତ ଏଠାରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଅଭିଭାବକ, ପୁରାତନ ଛାତ୍ରମାନେ ଦାବି କରିଛନ୍ତି।

### ଶିକ୍ଷକ ହେଉଛନ୍ତି ରାଷ୍ଟ୍ର ନିର୍ମାତା

ଖୋର୍ଦ୍ଧା,୨୯।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଇନର ହୁଇଲ କ୍ଲବ ଆନୁକୂଲ୍ୟରେ ରାଷ୍ଟ୍ର ନିର୍ମାଣ ପୁରସ୍କାର ବିତରଣ ଉତ୍ସବ ସ୍ଥାନୀୟ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କ୍ଲବ ସଭାନେତ୍ରୀ ମନ୍ଦିରା ଦେ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ ଯେ, ଗୁରୁ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ। ରାଷ୍ଟ୍ର ନିର୍ମାଣରେ ଗୁରୁଙ୍କ ପ୍ରମୁଖ ଭୂମିକା ରହିଛି। ଭାରତୀୟ ପ୍ରାଚୀନ ଶିକ୍ଷା, ଗୁରୁ ଶିଷ୍ୟ ପରମ୍ପରା ଉଚ୍ଚକୋଟୀର ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଅମିତା ସିହ୍ନା, ରଶ୍ମିରାଣୀ ଖୁଣ୍ଟିଆ, ଗୀତାଞ୍ଜଳି ସାହୁ ଓ ତପସ୍ୱିନୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ବରିଷ୍ଠ ରୋଟାରିଆନ ମଦନ ମୋହନ ରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । କ୍ଲବ ସମ୍ପାଦିକା ଅନିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ସିକୋ ଅଞ୍ଚଳର ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ (୯୨)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ବାମପନ୍ଥୀ, ଭାଗଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସିକୋ ମଧ୍ୟଇଂରାଜୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ସହିତ ସିକୋ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ଦୀର୍ଘଦିନ ଧରି ସଭାପତି ଭାବେ କାର୍ଯ୍ୟ କରିଥିଲେ। ସମବାୟ ସମିତିର ପୂର୍ବତନ ସଭାପତି ମଧ୍ୟ ଥିଲେ। ଏଥିସହ ସିକୋ ପଞ୍ଚାୟତର ପ୍ରଥମ ନାଏବ ସରପଞ୍ଚ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ସଭାପତି ରଘୁନାଥ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ପରିକ୍ରମା ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ରଜନିକାନ୍ତ ମୁଖାଗ୍ନି ଦେଇଥିଲେ।

### ୭୭୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଟାଙ୍ଗୀ,୨୯।୯(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ୍ ଭବ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟମେଳାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସତ୍ୟରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଚକ୍ଷୁ ବିଭାଗରେ ୩୪, ହୋମିଓପାଥିକ୍‌ରେ ୩୯, ଆୟୁର୍ବେଦିକ୍‌ରେ ୬୦, ନାସା କର୍ଣ୍ଣ ଗଳା ବିଭାଗରେ ୨୪, ସର୍ଜରିରେ ୫୯, ସ୍ତ୍ରୀ ରୋଗ ବିଭାଗରେ ୨୪, ମେଡିସିନ ବିଭାଗରେ ୧୦୩, ଚର୍ମରୋଗରେ ୫୫, ଶିଶୁ ବିଭାଗରେ ୩୬, ହୃଦ୍‌ରୋଗରେ ୬୫, ଅର୍ଥୋପେଡିକ୍‌ରେ ୬୧, ଦନ୍ତ ବିଭାଗରେ ୪୫ ଜଣ, ଏନ୍‌ସିଡିରେ ୧୭୫ ମୋଟ୍ ୭୭୦ ଜଣ ନାମ ପଞ୍ଜୀକରଣ କରିଥିଲେ। ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲର ପ୍ରଫେସର ଡା. ଅରବିନ୍ଦ ସିଂ, ତପନ କୁମାର ମଣ୍ଟୁ, ଝୁମାରାଣୀ ଚକ୍ରବର୍ତ୍ତୀ, ଉମାଶଙ୍କର ସାହୁ ପ୍ରମୁଖ ଏହି ସ୍ୱାସ୍ଥ୍ୟମେଳାରେ ଉପସ୍ଥିତ ଥିଲେ। ଡାକ୍ତରମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥବରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ, ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ।







ଜଟଣୀ ଗଣେଶ ଭସାଣି କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମେଢ଼।

# ମେଲାଣି ନେଲେ ଗଣପତି

## ଜଟଣୀ ଗଣେଶ ମହୋତ୍ସବ ଉଦ୍‌ଯାପିତ

- ପାରମ୍ପରିକ ବାଦ୍ୟ, ନୃତ୍ୟରେ କମ୍ପିଲା ସହର
- ଭସାଣିରେ ସାମିଲ ହେଲେ ୩୭ରୁ ଊର୍ଦ୍ଧ୍ୱ ମଣ୍ଡପର ଠାକୁର

ଜଟଣୀ,୨୯।୯(ରବୀନ୍ଦ୍ର ନାଥ ମହାକୁଡ଼)

ଆନନ୍ଦ ଉଲ୍ଲାସର ଅନ୍ତ ଘଟାଇ ଭକ୍ତଙ୍କ ମେଳରୁ ବିଦାୟ ନେଇଛନ୍ତି ବିଘ୍ନ ବିନାଶନ। ଦୀର୍ଘ ୧୦ ଦିନର ଅଭ୍ୟର୍ଥନା ପରେ ଆତସବାଜି, ଢୋଲ, ମର୍ଦ୍ଦଳ, ଘଣ୍ଟ ଘଣ୍ଟା ସହ ନାଚଗୀତର ରୋଶଣିରେ ଗଜାନନଙ୍କୁ ମେଲାଣି ଦେଇଛନ୍ତି ଭକ୍ତ। ଶୁକ୍ରବାର ଜଟଣୀରେ ଧୁମ୍‌ଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ୍ୟ ୩୭ରୁ ଊର୍ଦ୍ଧ୍ୱ ମଣ୍ଡପର ଠାକୁର ଭସାଣିରେ ସାମିଲ ହୋଇଥିଲେ। ଭସାଣି କମିଟି ଅଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟଙ୍କ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ପୂଜା ମଣ୍ଡପର ଠାକୁର ବିଭିନ୍ନ ପାରମ୍ପରିକ ବାଦ୍ୟରେ ରୋଶଣି କରି ସୀତାରାମ ଛକ ମେଳଣ ସ୍ଥଳରେ ଏକତ୍ରିତ ହୋଇଥିଲେ। ଠାକୁରଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ପରେ ବିସର୍ଜନ ପାଇଁ ଭସାଣି ଆରମ୍ଭ ହୋଇଥିଲା। ଅଗ୍ରୱାଲ ଧର୍ମଶାଳାଠାରେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ. ସନ୍ତୋଷ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ବିନତି ଜେନା ଶୋଭାଯାତ୍ରାରେ ସାମିଲ ଠାକୁରଙ୍କୁ ଧୂପଦୀପ ଓ ଫୁଲମାଳ ଅର୍ପଣ କରି ସ୍ୱାଗତ କରିବା ସହିତ ପୂଜା ମଣ୍ଡପ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଆନ୍ଧ୍ରବ୍ୟାଙ୍କ ଛକଠାରେ ଜଟଣୀ ନଗର ବିଜେଡି ପକ୍ଷରୁ ଭସାଣିରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜଟଣୀ ନଗରପାଳଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗଦେଇଥିଲେ। ନଗର କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ମହୁଲଗୁଡ଼ିଆ ଛକଠାରେ ଭାଜପା ରାଜ୍ୟ ପ୍ରବକ୍ତା ତଥା ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟଙ୍କ ସଭାପତିତ୍ୱରେ ଦର୍ଶକଙ୍କୁ ଆଧ୍ୟାତ୍ମିକ ପରିବେଶରେ ବାନ୍ଧି ରଖିବା ପାଇଁ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାରୱାଡି ଯୁବାମଞ୍ଚ ଜଟଣୀ ସିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଥାନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ମଧ୍ୟ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଆନ୍ଧ୍ର ବ୍ୟାଙ୍କ ଛକଠାରେ ମୁସଲମାନ ଭାଇମାନେ ଦର୍ଶକଙ୍କୁ ପାନୀୟଜଳ ବିତରଣ କରିଥିଲେ। ହରିଭାଇନା ଛକ ଠାରେ ଭାଜପା ଜଟଣୀ ନଗର ମଣ୍ଡଳ ପକ୍ଷରୁ ଭାଜପା ନେତା ବଶ୍ୱରଞ୍ଜନ ବଡ଼ଜେନାଙ୍କ ସଭାପତିତ୍ୱରେ ମେଲୋଡି କାର୍ଯ୍ୟକ୍ରମ ହୋଇଥିଲା। ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ମା' ଡମଣେଇ ମନ୍ଦିର ନିକଟରେ କମିଶନରେଟ ପୋଲିସ, ବ୍ୟବସାୟ ସଂଘ ସଭାପତି, ସମ୍ପାଦକ, ବ୍ୟବସାୟୀ ମହାସଂଘ ସଭାପତି, ସମ୍ପାଦକ, ପୌର ଅଧିକାରୀ ଏବଂ କର୍ମଚାରୀ, ଅଗ୍ନିଶମ, ବିଦ୍ୟୁତ୍ କର୍ମଚାରୀଙ୍କ ସହିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମ୍ୟୁନିସିପାଲିଟି ଛକଠାରେ ଜଟଣୀ ନଗର ଭାଜପା ପକ୍ଷରୁ ଭସାଣି ଯାତ୍ରାରେ ସାମିଲ ବିଗ୍ରହ ଏବଂ ପୂଜା କମିଟିର କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ କଳାକାରଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭସାଣି ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। କଣ୍ଢେଇ ନାଚ, ବୁଢ଼ାବୁଢ଼ୀ ନାଚ, ଘୋଡ଼ା ନାଚ, ପାଇକ ଆଖଡ଼ା, କୀର୍ତ୍ତନ, ଘଣ୍ଟ ମର୍ଦ୍ଦଳ, ଢୋଲ ମହୁରି, ସମ୍ବଲପୁରୀ, ଆଧୁନିକ ଗୀତର ତାଳେ ତାଳେ ଶ୍ରଦ୍ଧାଳୁଙ୍କ ନାଚ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ୧୦ ପ୍ଲାଟୁନ ଫୋର୍ସ ଏବଂ ୩୫ ଅଧିକାରୀ ନିୟୋଜିତ ହୋଇଥିଲେ। ପୌର ପ୍ରଶାସନ ପକ୍ଷରୁ ସ୍ଥାନୀୟ ଷଣ୍ଢପୁରଠାରେ ନିର୍ମିତ ୩ଟି ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।



ଭସାଣି ଶୋଭାଯାତ୍ରାରେ ମୁଖା ନୃତ୍ୟ।



ରାମାୟଣ କଥାବସ୍ତୁ ଉପରେ ବାହାରିଥିବା ଶୋଭାଯାତ୍ରା।



ଶୋଭାଯାତ୍ରାରେ ସାମିଲ ନାଗାବେଶଧାରୀ।



ବୁଢ଼ାବୁଢ଼ୀ ବେଶରେ କଣ୍ଢେଇ ନାଚ ପରିବେଷଣ କରୁଛନ୍ତି।



ଭସାଣି ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ନାଚୁଛନ୍ତି।

## ଶାନ୍ତି, ମୈତ୍ରୀ ଓ ଭାଇଚାରାର ପ୍ରତୀକ ଭାଗବତ



ଭୁଆସୁଣିପାଟଣା ଗ୍ରାମସ୍ଥିତ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଉପସ୍ଥିତ ଶ୍ରଦ୍ଧାଳୁ।

ବେଗୁନିଆ,୨୯।୯(ହର ପ୍ରସନ୍ନ ପଣ୍ଡା)

ଭାଗବତ ଦେବଙ୍କ ଜନ୍ମୋତ୍ସବ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ଭାଗବତ ଟୁଙ୍ଗି, ମଠ ଓ ମନ୍ଦିର ପରିସରରେ ଧାର୍ମିକ ଭାବଧାରାକୁ ମନେପକାଇବାକୁ ଯାଇ ତାଳପତ୍ରରେ ବର୍ଣ୍ଣିତ ପୋଥି ପାଠ କରାଯାଇଥିଲା। ପୁରପଲ୍ଲୀରେ ହିନ୍ଦୁ ଧର୍ମର ଶ୍ରଦ୍ଧାଳୁମାନେ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଶ୍ଳୋକ ଉଚ୍ଚାରଣ କରିଥିଲେ। ଏହି ବ୍ଲକର ଭୁଆସୁଣୀ ପାଟଣା, ବେଗୁନିଆ, ବାଘମାରୀ, କୋଲୁହାପାଟଣା, ବଡବେରଣା, କୁଶପଲ୍ଲା, ଡିଙ୍ଗର, ଚକାପଦା ଆଦି ଅନେକ ଗ୍ରାମରେ ଥିବା ଭାଗବତ ଦେବଙ୍କ ପୀଠ ପରିସରରେ ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ,ପଦୁଗଲୁଛି ମକରନ୍ଦ ଛାନ୍ଦ ପଠନ କରାଯାଇଥିଲା। ଏହି ଅବସରରେ ଭୁଆସୁଣୀପାଟଣା ଗ୍ରାମସ୍ଥିତ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସନ୍ଥ ବିଶ୍ୱମ୍ବର ଦାସ, ଡ.ଗଣେଶ୍ୱର ସ୍ୱାଇଁ, କୈଳାସ ଚନ୍ଦ୍ର ପଣ୍ଡା, ସ୍ନିଗ୍ଧାରାଣୀ ସାହୁ, ବଂଶୀଧର ଦଳାଇ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଦିନର କ୍ଲାନ୍ତି ଦୂର କରିବା ପାଇଁ ସଞ୍ଜ ନଇଁଲେ ଭାଗବତ ଟୁଙ୍ଗିରେ ଏକାଠି ହୋଇ ଅଷ୍ଟାଦଶ ମହାପୁରାଣର ଶ୍ରେଷ୍ଠ ଗ୍ରନ୍ଥ ଭାଗବତ ପଠନଯୋଗ୍ୟ। ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ଛାନ୍ଦ ବୋଲିବା ଦ୍ୱାରା ଶାନ୍ତି, ମୈତ୍ରୀ ଓ ଭାଇଚାରାର ପ୍ରତୀକ ଭାବେ ମାନୁଥିଲେ ବୋଲି ଅତିଥି ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଚେମା ବେହେରା, ଉତ୍ତମ ଦେଇ, ଉଲ୍ଲାସ ଦେଇ, ଚଞ୍ଚଳା ଦେଇ, ଉର୍ମିଳା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାକର ସେଠୀ ଓ ଗ୍ରାମର ଯୁବବର୍ଗମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜ୍ଞାନମେଳାରେ ୫୭ ପ୍ରକଳ୍ପ ପ୍ରଦର୍ଶିତ

ବେଗୁନିଆ,୨୯।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୭ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ବାୟୁ ପ୍ରଦୂଷଣ, ପ୍ରକୃତିର ବିବିଧତା, ଜଳ, ବୃକ୍ଷ, ବିଦ୍ୟୁତ୍ ଆଦି ଅନେକ ପ୍ରଦର୍ଶିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ରମାମଣୀ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଦିଲ୍ଲୀପ କୁମାର ସାଥୁଆ ଓ ତଣ୍ଡାଳ ସରକାରୀ ପ୍ରକଳ୍ପ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଚିତ୍ରାରାଣୀ ସାମନ୍ତରାୟ ବିଚାରକଭାବେ ଯୋଗଦେଇଥିଲେ। ୭ଟି ଆକର୍ଷଣୀୟ ପ୍ରକଳ୍ପ ବ୍ଲକସ୍ତରୀୟ ମେଳାକୁ ଚୟନ କରାଯାଇଛି। ଅନ୍ୟତମ ଅତିଥିଭାବେ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ କୈଳାସ ନାଥ ସୁବୁଦ୍ଧି, ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ, ଅମୀୟ ରଞ୍ଜନ ମଲ୍ଲିକ, ଶିକ୍ଷୟିତ୍ରୀ ଉମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତ୍ୟାଧୁନିକ ଯୁଗରେ ବିଜ୍ଞାନର ପ୍ରସାର ହୋଇଛି। ବିଜ୍ଞାନ ବଳରେ ସବୁ ଅସମ୍ଭବ ସମ୍ଭବ ହୋଇପାରୁଛି ବୋଲି ଅଧ୍ୟାପକ ସାଥୁଆ କହିଥିଲେ। ସହକାରୀ ଶିକ୍ଷକ ନାରାୟଣ ମାନସିଂହ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରସ୍ୱତୀ ସାହୁଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଏସ୍‌ଏମ୍‌ସି ସଭାପତି ପଦ ରଦ୍ଦ, ଶିକ୍ଷକ ବଦଳି ଦାବି

## ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

ଖୋର୍ଦ୍ଧା,୨୯।୯ (ପ୍ରଭାତ ପାଣିଗ୍ରାହୀ)



ବାଲିପାଟଣା ବ୍ଲକ ଅଭୟମୁଖୀ ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ ରଦ୍ଦ ଓ ସହକାରୀ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ସୁକାନ୍ତ କୁମାର କୁଣ୍ଡ ଏବଂ ଅନ୍ୟ କେତେଜଣ ଅଭିଭାବକ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।ଏ ନେଇ ସେମାନେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁସାରେ, ବିଦ୍ୟାଳୟର ସଭାପତି ପଦବୀ ନିର୍ବାଚନକୁ ଅନ୍ୟାୟ ଓ ଅଗଣତାନ୍ତ୍ରିକ ଭାବେ କରାଯାଇଛି। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ନିକଟସ୍ଥ କୁରୁଞ୍ଜିପୁର ରାମଚନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ ବେହେରା ଏହି ବିଦ୍ୟାଳୟ ଦାୟିତ୍ୱରେ ଅଛନ୍ତି । ତେଣୁ ସଂପୃକ୍ତ ପ୍ରଧାନଶିକ୍ଷକ ଉକ୍ତ ବିଦ୍ୟାଳୟର ଜନୈକ ସହକାରୀ ଶିକ୍ଷକଙ୍କ ଦ୍ୱାରା ପ୍ରଭାବିତ ହୋଇ ସରକାରୀ ଗାଇଡଲାଇନକୁ ଉଲ୍ଲଂଘନ କରି ଏହି ପରିଚାଳନା କମିଟି ସଭାପତି ପଦ ବାଛିଛନ୍ତି। ଫଳରେ ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବିଶୃଙ୍ଖଳା ସୃଷ୍ଟି ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଧାନଶିକ୍ଷକ କର୍ଣ୍ଣପାତ କରୁନାହାନ୍ତି। ତେଣୁ ତୁରନ୍ତ ବିଶୃଙ୍ଖଳିତ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି, ଗତ ୧୧ତାରିଖରେ ପିଟିଏ ବୈଠକର ନିଷ୍ପତ୍ତିକୁ ରଦ୍ଦ କରାଯିବା ଏବଂ ଚଳିତ ମାସ ୧୬ତାରିଖରେ ଏସ୍‌ଏମ୍‌ସି ଅଧ୍ୟକ୍ଷ ପଦ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବା ପ୍ରମୁଖ ଦାବି କରିଛନ୍ତି । ଯଦି ଏ ନେଇ କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗକୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି କୁଣ୍ଡ ପ୍ରକାଶ କରିଛନ୍ତି । ଏଥିରେ କାଳନ୍ଦୀ ଭୋଇ, ରଞ୍ଜନ କୁମାର ପଣ୍ଡା, ନବୀନ ଓଝା, ପ୍ରଫୁଲ୍ଲ କାଣ୍ଡି, ଦୁଃଖୀଶ୍ୟାମ ଭୋଇ, ଦୁଃଶାସନ କାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ କୁହନ୍ତି ଏହାର ଅନୁଧ୍ୟାନ ପରେ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ।

## ବନ ବିଭାଗର ଚଢ଼ାଉ, କାଠ କୋଇଲା ଜବତ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଖଣ୍ଡୁଆଳି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫୦ ବସ୍ତା କାଠ କୋଇଲା ଜବତ କରାଯାଇଛି। କାଠକୋଇଲା ମାଫିଆମାନେ ବଣିଆବନ୍ଧ ଓ କପିଳାସ ସଂରକ୍ଷିତ ଜଙ୍ଗଲରେ କାଠ କୋଇଲା ପ୍ରସ୍ତୁତ କରି ଦୈନିକ କଟକ ଭଟିମୁଣ୍ଡା ସମେତ ଭୁବନେଶ୍ୱରର ବିଭିନ୍ନ ହୋଟେଲକୁ ଚାଲାଣ କରୁଛନ୍ତି। ଖଣ୍ଡୁଆଳି ଗ୍ରାମ ତୋଟା ପଛପଟ ବୁଦା ମୂଳରେ ଏହି କୋଇଲା ଲୁଚାଇ ରଖାଯାଇଥିଲା। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ବିଭାଗୀୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିଥିଲେ। ଚଢ଼ାଉ ପୂର୍ବରୁ ମାଫିଆମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

କଟକ ସଦର,୨୯।୯(ସୁଶାନ୍ତ କୁମାର ଜେନା)

ମହିଳାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିବା ଅଭିଯୋଗରେ କିଶନ ନଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମୁର୍କୁଣ୍ଡୀ ଗ୍ରାମର ଗେଟମ ଦେହୁରୀ। ସ୍ଥାନୀୟ ଅଞ୍ଚଳର ମହିଳା ଜଣଙ୍କ ବୁଧବାର ପରିବା ଆଣିବା ପାଇଁ ବିଲକୁ ଯାଇଥିବାବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ସ୍ଥାନୀୟ ଲୋକମାନେ ଗେଟମଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୩/୨୩) ରୁଜୁ ହୋଇଛି।

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ସଦର,୨୯।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ବଉଳକୁଦ ଗ୍ରାମର ଏକ ଘର ଭିତରୁ ବିଚିତ୍ର ଦାସ ନାମକ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ପୋଲିସ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି। ବିଚିତ୍ର ପେଟ ରୋଗରେ ପୀଡିତ ଥିଲେ। ତେଣୁ ସେ ଯନ୍ତ୍ରଣା ସହି ନ ପାରି ଘର ଛାତରେ ଲାଗିଥିବା ଲୁହା ପାଇପରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

### ଶିବିରରୁ ୪୦ ୟୁନିଟ୍ ରକ୍ତ ସଂଗୃହୀତ

ଚୌଦ୍ୱାର,୨୯।୯(ଆଶୁତୋଷ ଦାସ)

ଚୌଦ୍ୱାର ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପିକା ଡ. ପ୍ରଭାବତୀ ପଢିହାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅଧ୍ୟାପକ ସ୍ୱାଭିମାନ ସାମନ୍ତରାୟ, ସୂର୍ଯ୍ୟକାନ୍ତ ସାହୁ, ରଶ୍ମିରଞ୍ଜନ ମଙ୍ଗରାଜ, ଶ୍ରୀକାନ୍ତ ନାୟକ, ଅଶୋକ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ମା’ ଜାଗୁଳେଇଙ୍କ ବାର୍ଷିକ ଉତ୍ସବ

ମଙ୍ଗୁଳି–ଜଗତପୁର,୨୯।୯(ମାନସ ସାମଲ)

ଜଗତପୁର ଥାନା ଅଧୀନ ଗନାପୁର ଗ୍ରାମରେ ମା’ ଜାଗୁଳେଇ ଦେବୀଙ୍କ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା’ଙ୍କ ମାଜଣା, ସୂର୍ଯ୍ୟପୂଜା, କଳସ ଶୋଭାଯାତ୍ରା ଓ ହୋମଯଜ୍ଞ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମ ମୁରବି ରାଜକିଶୋର ବସ୍ତିଆ, ପରମାନନ୍ଦ ସାମଲ, ଲୋକନାଥ ରାଉତ, ଶୁକଦେବ ସାମଲ, ଅଜୟ ରାଉତ, ପ୍ରହ୍ଲାଦ ସାମଲ, ଦୈତାରି ବାରିକ, ଧ୍ରୁବଚରଣ ରାଉତ, ପ୍ରଭାତ ଜେନା, ଅମରେନ୍ଦ୍ର ପାଢ଼ୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨ ପୁସ୍ତକ ଉନ୍ମୋଚିତ

କଟକ,୨୯।୯ (କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସ ‘ରହସ୍ୟାବୃତ୍ତ’ ଓ ଜୀବନୀ ପୁସ୍ତକ ‘ବିଶ୍ୱବିଖ୍ୟାତ ବୈଜ୍ଞାନିକ’ କଟକ ସାରଳା ଭବନଠାରେ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା କଥାକାର ତରୁଣ କୁମାର ସାହୁ ଯୋଗଦେଇଥିଲେ। ଡ. ଚିରଞ୍ଜୀବ ପଣ୍ଡା ପୁସ୍ତକର ସମୀକ୍ଷା କରିଥିଲେ। ଅଧ୍ୟାପକ ଗୋପୀନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ବାସନ୍ତୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସାବିତ୍ରୀ ମହାପାତ୍ର, ବିଭୁ ପ୍ରସାଦ ରାଉତ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡିସେମ୍ବର ୨୩ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷକର

**ଚଣ୍ଡୀମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କଲେ ସିଡିଏ ଅଧ୍ୟକ୍ଷ**

■ ଦଶହରା ପୂର୍ବରୁ ସରିବ ପାଚେରି ନିର୍ମାଣ

କଟକ,୨୯।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ଅଧ୍ୟକ୍ଷ ଅନିଲ କୁମାର ସାମଲ ଶୁକ୍ରବାର ପୂର୍ବାହ୍ନରେ ଏକାଧିକ ଅଧିକାରୀମାନଙ୍କ ସହ ଚଣ୍ଡୀ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେଶନ କମିଟି ଅଧ୍ୟକ୍ଷ ସାମଲ ଚଣ୍ଡୀ ମନ୍ଦିରରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହ ଓବିସିସି ଓ ଆର୍‌ଏଣ୍ଡବି ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରି ସେବାୟତଙ୍କ ପାଇଁ ଚାଲିଥିବା ଗୃହ ନିର୍ମାଣ କାମ ୧ ମାସ ମଧ୍ୟରେ ଶେଷ କରିବାକୁ କହିଥିଲେ। ସେହିପରି ମନ୍ଦିରର ପ୍ରବେଶ ପଥ ପାଖରେ ପୋଲିସ ଆଉଟ୍ ପୋଷ୍ଟ, ଯାତ୍ରୀଙ୍କ ପାଇଁ ଉପଲବ୍ଧ ଅନ୍ୟାନ୍ୟ ସୁବିଧା ସୁଯୋଗ, ଭୋଗ ଓ ପ୍ରସାଦ ସେବନ ମଣ୍ଡପର ନିର୍ମାଣ କାର୍ଯ୍ୟକୁ ୧ ମାସ ଭିତରେ ସାରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ରାସ୍ତାର ଅପର ପାର୍ଶ୍ୱରେ ଥିବା ନୂତନ ମାର୍କେଟ କମ୍ପ୍ଲେକ୍ସ କାମ ଓ ମନ୍ଦିର ଭିତରର ସମସ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ଡିସେମ୍ବର ୨୩ ତାରିଖ ପୂର୍ବରୁ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ ବ୍ୟତୀତ ମନ୍ଦିର ପରିସରର ପାଚେରି ନିର୍ମାଣ କାର୍ଯ୍ୟ ଦଶହରା ପୂର୍ବରୁ ଶେଷ କରାଯିବ। ଗତ ଅକ୍ଟୋବର ୧୪ରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଚଣ୍ଡୀ ମନ୍ଦିର ବିକାଶ ପ୍ରକଳ୍ପକୁ ଏକ ସପ୍ତାହ ମଧ୍ୟରେ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ୭୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଉକ୍ତ ପ୍ରକଳ୍ପ ଆସନ୍ତା ଡିସେମ୍ବର ୨୩ ତାରିଖ ସୁଦ୍ଧା ଶେଷ ହେବ ବୋଲି ଉପରୋକ୍ତ ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି। ଏହି ସମୀକ୍ଷା ସମୟରେ ଓବିସିସି ପ୍ରକଳ୍ପ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ, ମନ୍ଦିରର ନିର୍ବାହୀ ଅଧିକାରୀ, ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟଙ୍କ ସମେତ ସେବାୟତମାନେ ଉପସ୍ଥିତ ଥିଲେ।



ସିଡିଏ ଅଧ୍ୟକ୍ଷ ଅନିଲ ସାମଲ ଚଣ୍ଡୀମନ୍ଦିର ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

# ଭସାଣି, ବିବାହ ଶୋଭାଯାତ୍ରାରେ ଡିଜେ ବନ୍ଦ କରାଯାଉ

**ଡିଜିପିଙ୍କୁ ଦାବିପତ୍ର**

କଟକ ସଦର,୨୯।୯ (ସୁଶାନ୍ତ କୁମାର ଜେନା)

ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ କଟକ ସଦର ନିର୍ବାଚନମଣ୍ଡଳୀର ପ୍ରମୁଖ ବୁଦ୍ଧିଜୀବୀମାନେ ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କଟକଠାରେ ଡିଜିପିଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରିଛନ୍ତି। କାରଣ ଏହାର କର୍କଶ ଶବ୍ଦ ବୟସ୍କ ଓ ଶିଶୁମାନଙ୍କୁ ଶାନ୍ତିରେ ଶୋଇବାକୁ ଦେଉନାହିଁ। ଏପରି କି ଡିଜେ ଶବ୍ଦ ଶୁଣିଲା ମାତ୍ରେ ଅନେକ ହୃଦ୍‌ରୋଗୀଙ୍କ ସ୍ପନ୍ଦନ ବଢ଼ିଯାଉଛି। ତେଣୁ ଖୁବ୍‌ଶୀଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ହାଇକୋର୍ଟ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଡିଜେ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ହେଲେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ସ୍ଥାନୀୟ ନେତାଙ୍କ ହସ୍ତକ୍ଷେପ ଯୋଗୁ ଶୋଭାଯାତ୍ରାରେ ଯାଉଥିବା ପୋଲିସ କର୍ମଚାରୀ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରିପାରୁନାହାନ୍ତି। କମିଶନରେଟ୍ ପୋଲିସ ବ୍ୟବସ୍ଥା ଭଳି କଟକ ସଦର ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ଏହି କଟକଣା କଡ଼ାକଡ଼ି ଭାବେ ଲାଗୁ କରାଯିବା ପାଇଁ ଭାଜପା ଯୁବନେତା ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ସମେତ ଶତାଧିକ କର୍ମୀ ଡିଜିପିଙ୍କ ନିକଟରେ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତା





ଖାନ୍‌ନଗର ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୯।୯(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଜିଲା ଶିକ୍ଷା ମଣ୍ଡଳ ଆନୁକୂଲ୍ୟରେ ଶୁକ୍ରବାର ଖାନ୍‌ନଗର ହାଇସ୍କୁଲଠାରେ ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ବ୍ଲକର ୧୪ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ୨୪୭ ଏବଂ ବାଳକ ବିଭାଗରେ ୨୬୬ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଥିରୁ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତୃଣମୂଳ ସ୍ତରରୁ କ୍ରୀଡାର ପ୍ରସାର ଓ ପ୍ରଚାରର ଆବଶ୍ୟକତା ରହିଛି। ବିଦ୍ୟାଳୟ ସ୍ତରରୁ ଏଭଳି ପ୍ରତିଯୋଗିତା ମାଧ୍ୟମରେ ଶ୍ରେଷ୍ଠ ଖେଳାଳି ସୃଷ୍ଟି ହୋଇପାରିବେ, ଯେଉଁମାନେ କି ରାଜ୍ୟ ତଥା ଜାତୀୟ ସ୍ତରରେ ଖେଳାଳି ଭାବେ ନିଜକୁ ପରିଚିତ କରିପାରିବେ ବୋଲି ସେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଖାନ୍‌ନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କର୍ପୋରେଟର ସନ୍ତୋଷ ଭୋଳ, ଗୋପାଳ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ, ସୋନାମିକା ରାୟ, ଡ. ସନ୍ତୋଷ କୁମାର ରାଉତ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ, ବ୍ଲକ୍ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନ୍‌ଗୋ ଅତିଥି ଭାବରେ ଯୋଗଦେଇଥିଲେ। ୧୭ବର୍ଷରୁ କମ୍ ବାଳିକା ବିଭାଗରେ ସାଲେପୁର ବ୍ଲକ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ କଟକ ସଦର ବ୍ଲକ, ୧୭ ବର୍ଷରୁ କମ୍ ବାଳକ ବିଭାଗରେ କଟକ ସଦର ଏବଂ ୧୪ ବର୍ଷରୁ କମ୍ ବାଳକ ବିଭାଗରେ କଟକ ସଦର ବ୍ଲକ ଚାମ୍ପିୟାନ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ବ୍ଲକ୍‌ର କ୍ରୀଡା ସମ୍ପାଦକ, ସୁକାନ୍ତ କୁମାର ଷଡ଼ଙ୍ଗୀ, ମିହିର କୁମାର ପରିଡ଼ାଙ୍କ ସମେତ ବରିଷ୍ଠ କ୍ରୀଡା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ମୋ’ ମାଟି ମୋ’ ଦେଶ କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨୯।୯(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ ଭାଜପା ପକ୍ଷରୁ ଖୁଣ୍ଟୁଣୀ ପଞ୍ଚାୟତରେ ମୋ’ ଦେଶ ମୋ’ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଅବସରରେ ଚାଲିଥିବା ସେବା ସପ୍ତାହରେ ଦିଲ୍ଲୀଠାରେ ନିର୍ମାଣ ହେବାକୁ ଥିବା ଅମୃତ ବାଟିକା ପାଇଁ ଖୁଣ୍ଟୁଣୀ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ କ୍ଷେତ୍ରବାସୀ ସୁବୁଦ୍ଧି, ରାମଚନ୍ଦ୍ର ସାହୁ, ବୈଷ୍ଣବ ବେହେରା ଓ ସାମାଜିକ କର୍ମୀ ଶରତ ବେହେରାଙ୍କ ଘରୁ ପବିତ୍ର ମାଟି ସଂଗ୍ରହ କରାଯାଇଛି। ଆଠଗଡର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାଏଙ୍କ ନେତୃତ୍ୱରେ ଏହି ମାଟି ଦିଲ୍ଲୀରେ ପହଞ୍ଚିବ। ଏହି କାର୍ଯ୍ୟକ୍ରମରେ କଟକ ଜିଲା ଉପସଭାପତି ବିଚିତ୍ରାନନ୍ଦ ଜେନା, ଜିଲା ସମ୍ପାଦିକା ହେମ ମଞ୍ଜରୀ ଭଞ୍ଜଦେଓ, ମୃତ୍ୟୁଞ୍ଜୟ ଜେନା, ମଣ୍ଡଳ ସଭାପତି ଉମେଶ ସାମଲ, ଚିନ୍ମୟ ମଲ୍ଲିକ, ତପନ ଲେଙ୍କା, ମଣ୍ଡଳ ପ୍ରଭାରୀ ରମାକାନ୍ତ ସେନାପତି, ସାଧାରଣ ସମ୍ପାଦକ ସୁବାସ ମହାନ୍ତି, ଓବିସି ମୋର୍ଚ୍ଚା ସଭାପତି ସୁଶାନ୍ତ ସ୍ୱାଇଁ, ଏସ୍‌ଟି ମୋର୍ଚ୍ଚା ସଭାପତି ବାବୁଲି ପୁର୍ତ୍ତି, ଚିନ୍ମୟୀ ପୂର୍ତ୍ତି, ସନ୍ତୋଷ ବେହେରା, ବାଉରୀବନ୍ଧୁ ସାହୁ ଓ ମିଡ଼ିଆ ସଂଯୋଜକ ପରେଶ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ

କଟକ,୨୯।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ସମ୍ପ୍ରତି ବୃଦ୍ଧି ପାଉଥିବା ହୃଦ୍‌ରୋଗଜନିତ ସମସ୍ୟା ବିଷୟରେ ସଚେତନ ହେବା ଜରୁରୀ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସମ୍ମାନିତ ବକ୍ତା ଡ୍ରିମ୍‌ସ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର, ଭେଷଜ ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ଦୀପକ କୁମାର ସ୍ୱାଇଁ ଯୋଗଦେଇଥିଲେ। ଛାତ୍ରୀ ସ୍ମୃତିଶିଖା ସାମଲ ଓ ଶିବାନୀ ପ୍ରିୟଦର୍ଶିନୀ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଏବଂ ପ୍ରାଧ୍ୟାପିକା ରେଣୁବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ, ଅଧ୍ୟାପକ ସତୀଶ ରାଜମଣିଙ୍କ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. କଲ୍ୟାଣ କୁମାର ସାହୁ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଗୋପୀ ଡି. ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାଚୀର ପତ୍ର ‘ଅନନ୍ୟା’ର ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା।



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ବି ଗ୍ରୁପ କଳାକାରଙ୍କ ଦ୍ୱାରା ଶୁକ୍ରବାର ପରିବେଷିତ ନାଟକ ‘ମା’ର ଏକ ଦୃଶ୍ୟ।

# ନୂତନ ପାଠାଗାର ନିର୍ମାଣ ପାଇଁ ଦାବି

କଟକ,୨୯।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଶ୍ୱନାଥ ପଣ୍ଡିତ ପାଠାଗାର ଅତ୍ୟାଧୁନିକ ହେବ। ପାଠାଗାରରେ ଇ–ଲାଇବ୍ରେରି ସୁବିଧା ରହିବ। ଏକାବେଳେ ୫୦୦ ଜଣ ବସି ପଢିଲା ଭଳି ହଲ୍ ନିର୍ମାଣ କରାଯିବ। ବସିବା ଓ ପଢିବା ପାଇଁ ଅଲଗା ପ୍ରକୋଷ୍ଠ, ବରିଷ୍ଠ ନାଗରିକ ଏବଂ ମହିଳା ପାଠକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା, ପୁସ୍ତକଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ, ନୂଆ ପୁସ୍ତକ କିଣାଯିବା ପାଇଁ ବ୍ୟବସ୍ଥା, ପାଠାଗାରର କମ୍ପ୍ୟୁଟରୀକରଣ କରିବା ଆଦି ପ୍ରସ୍ତାବ କଟକ ମହାନଗର ନିଗମ ରାଜ୍ୟ ସରକାରଙ୍କ ପାଖକୁ ପଠାଇଥିଲା। ସରକାରଙ୍କ ପାଖରେ ଏହି ପ୍ରସ୍ତାବ ପଡିରହିଛି। ବାଦାମବାଡି ବସ୍‌ଷ୍ଟାଣ୍ଡ ଖାନ୍‌ନଗରକୁ ସ୍ଥାନାନ୍ତର କରାଯାଇ ଅତ୍ୟାଧୁନିକ ଶୈଳୀରେ କଟକ ନେତାଜୀ ବସ୍ ଟର୍ମିନାଲ ନିର୍ମାଣ ହୋଇଛି। ହେଲେ ଏଥିପାଇଁ ବଳି ପଡିଥିବା କଟକର ଅନ୍ୟତମ ବୃହତ ପାଠାଗାର ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରର ନୂତନ କୋଠା ନିର୍ମାଣ ପାଇଁ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇପାରିନାହିଁ। ପାଠାଗାର ସମସ୍ୟା ନେଇ ଶୁକ୍ରବାର କେତେଜଣ ଛାତ୍ର ମେୟର ସୁବାସ ସିଂଙ୍କୁ ଭେଟିଥିଲେ। ଆଇନ ବିଭାଗ ଛାତ୍ର କୁମାର ମିଶ୍ର କହିଛନ୍ତି, ବର୍ତ୍ତମାନ ଯେଉଁ ସ୍ଥାନରେ ପାଠାଗାର ଚାଲିଛି ସେଠାରେ ଛାତ୍ରଙ୍କ ପଢ଼ାରେ ବ୍ୟାଘାତ ଘଟୁଛି। ସନ୍ଧ୍ୟା ୬ଟା ପରେ ପାଠାଗାର ବନ୍ଦ ହୋଇଯାଉଛି। ଛୁଟି ଦିନରେ ପାଠାଗାର ବନ୍ଦ ରହୁଛି। ବହି ଓ ମାଗାଜିନ୍‌ର ସଂଖ୍ୟା ଏବଂ ଅବସ୍ଥା ଚିନ୍ତାଜନକ। ଯଥାଶୀଘ୍ର ନୂତନ ପାଠାଗାର ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜାଗାରେ କାର୍ଯ୍ୟାରମ୍ଭ ସହିତ ବର୍ତ୍ତମାନ ପାଇଁ ଉପଯୁକ୍ତ ଅସ୍ଥାୟୀ ବ୍ୟବସ୍ଥା କଲେ ଅନେକ ଛାତ୍ରୀଛାତ୍ର ଉପକୃତ ହେବେ। ଏଥିପ୍ରତି ଧ୍ୟାନଦେଇ ସମାଧାନର ବାଟ ବାହାର କରିବାକୁ ସେ ଦାବି କରିଥିଲେ।

# ଓଏମ୍‌ପି ଓଭରବ୍ରିଜ୍‌ରେ ଯୁବକଙ୍କ ଆତଙ୍କରାଜ

**ଗୋ’ ଚାଲାଣ ଆଶଙ୍କାରେ କଣ୍ଟେନର ଡ୍ରାଇଭରଙ୍କୁ ମାଡ଼**

କଟକ,୨୯।୯ (କାର୍ତ୍ତିକ ସାହୁ)

ଓଏମ୍‌ପି ଓଭରବ୍ରିଜ୍ ଉପରେ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଯୁବକ ଆତଙ୍କରାଜ ଚଳାଇଥିଲେ। ଏଥିସହ ବେଆଇନ ଗୋ’ ଚାଲାଣ ଆଶଙ୍କା କରି ସେମାନେ ଏକ କଣ୍ଟେନର ଡ୍ରାଇଭରଙ୍କୁ ମାଡ଼ ମାରି କ୍ଷତାକ୍ତ କରିଥିଲେ। ଯୁବକମାନେ ଆତଙ୍କରାଜ ଚଳାଇଥିବାବେଳେ ଜଣେ ମହିଳା ପୋଲିସ ଏସ୍‌ଆଇ ସେଠାରେ ପହଞ୍ଚିବାରୁ ସେମାନେ ପଳାଇ ଯାଇଥିଲେ। ଏ ନେଇ ଆହତ ଡ୍ରାଇଭର ଅଭିଯୋଗ କରିବା ପରେ ଚାଉଳିଆଗଞ୍ଜ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବିହାର ଅଞ୍ଚଳର ଡ୍ରାଇଭର ମହମ୍ମଦ ତାଜ୍ ଏକ କଣ୍ଟେନର(ଏମ୍‌ଏଚ୍୦୪–୫୭୧୩)ରେ ଚକୋଲେଟ୍ ବୋଝେଇ କରି ହାଇଦ୍ରାବାଦ୍‌ରୁ ଗୁଆହାଟୀ ଯାଉଥିଲେ। ରାତି ପ୍ରାୟ ୧୨ଟାରେ ଭୁବନେଶ୍ୱର ଅତିକ୍ରମ କରିବା ପରେ ଏକ କାର୍(ଓଡ଼ି୦୨ସିଜି–୬୯୦୮) ଉକ୍ତ କଣ୍ଟେନରକୁ ପିଛା କରିଥିଲା। କାର୍‌ରେ ଥିବା ଯୁବକମାନେ ଅନେକ କଣ୍ଟେନର ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ଅଧିକ ରାତି ହୋଇଥିବାରୁ ଲୁଟେରା ସନ୍ଦେହ କରି ଡ୍ରାଇଭର ଗାଡ଼ି ଅଟକାଇଲେ ନାହିଁ। ପରେ ଓଏମ୍‌ପି ଓଭରବ୍ରିଜ୍ ଉପରେ ଯୁବକମାନେ କାର୍‌ଟିକୁ କଣ୍ଟେନର ଆଗରେ ରଖିଦେବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇଲେ। ତୁରନ୍ତ କାର୍‌ରୁ ଯୁବକମାନେ ବାହାରି ଆସି କଣ୍ଟେନର ଡ୍ରାଇଭରଙ୍କୁ ତଳକୁ ଆଣି ପିଟିବାକୁ ଲାଗିଲେ। ଏଥିସହ ଗାଡ଼ି କାଗଜପତ୍ର ଛଡ଼ାଇ ନେଇଥିଲେ। ସେହି ରାସ୍ତାରେ ଯାଉଥିବା ସବୁ କଣ୍ଟେନରକୁ ଜଣେ ଯୁବକ ଏକ ଲୁହାରଡ୍‌ରେ ପିଟୁଥାନ୍ତି। କିଛି ସମୟ ପରେ ଏକ ପିସିଆର୍ ଭ୍ୟାନ୍ ଆସି ସେଠାରେ ପହଞ୍ଚିଥିଲେ ବି ଯୁବକମାନେ ଆତଙ୍କ ଚଳାଇଥାନ୍ତି। କିଛି ସମୟ ପରେ ଅନ୍ୟ ଏକ ପିସିଆର୍ ଭ୍ୟାନ୍‌ରେ ଜଣେ ମହିଳା ଏସ୍‌ଆଇ ସେଠାରେ ପହଞ୍ଚି ଯୁବକଙ୍କୁ ଧରିବା ପାଇଁ କହିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ମହିଳା ଏସ୍‌ଆଇ ଜଣଙ୍କ ପୋଲିସ ଗାଡ଼ିରେ ଆହତ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଥିଲେ। ଏଥିସହ ଉକ୍ତ କଣ୍ଟେନର ଯାଞ୍ଚ କରିବା ପରେ ସେଥିରେ ଚକୋଲେଟ୍ ଥିବା ଜଣାପଡ଼ିଥିଲା। ଉଲ୍ଲେଖଯୋଗ୍ୟ, ମହିଳା ଏସ୍‌ଆଇ ଜଣଙ୍କ ନିଜ ଫୋନ୍‌ରେ ଯୁବକ ଓ ସେମାନଙ୍କ କାର୍‌ର ଭିଡିଓ ରେକର୍ଡିଂ କରିଦେଇଥିଲେ। ସେହି ଭିଡିଓ ଫୁଟେଜ୍ ଆଧାରରେ ପୋଲିସ ଅଭିଯୁକ୍ତ ଯୁବକମାନଙ୍କୁ ଚିହ୍ନଟ କରିଛି। ଖୋର୍ଦ୍ଧା ଅଞ୍ଚଳର ଏହି ଯୁବକମାନେ ବହୁବାର ଏଭଳି କାମ କରିଥିବା ନେଇ ଅଭିଯୋଗ ହୋଇଆସୁଥିବା ପୋଲିସ କହିଛି।



କଟକ ସାରଳା ଭବନରେ ଶୁକ୍ରବାର ଲେଖକ ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସ ‘ରହସ୍ୟାବୃତ୍ତ’ ଓ ଜୀବନୀ ପୁସ୍ତକ ‘ବିଶ୍ୱବିଖ୍ୟାତ ବୈଜ୍ଞାନିକ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।





କଟକ ବାଖରାବାଦ ଗଣେଶ ଘାଟ ଅଞ୍ଚଳରେ ରାସ୍ତା ମରାମତି ଦାବିରେ ଶୁକ୍ରବାର ଭାଜପା କଟକ ନଗର ପକ୍ଷରୁ ରାସ୍ତାରୋକୋ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୯।୨୦୨୩

| | |
|---|---|
| ୭,୩୦,୩୨୭ ଟଙ୍କା | |
| ସୁନା | ୫.୩୩୦ ଗ୍ରାମ୍ |
| ରୁପା | ୫୪.୦୩୦ ଗ୍ରାମ୍ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଫାଉଣ୍ଡର୍ସ ମେମୋରିଆଲ ସିରିଜ କାର୍ଯ୍ୟକ୍ରମ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସର, ସକାଳ ୯ଟା ୪୫।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ମହାସମାବେଶ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ (ଯୁକ୍ତ୨ ଓ ଯୁକ୍ତ୩) ମହାବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ସଂଘର ମହାସମାବେଶ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।

**କଟକ**

- ମହାତ୍ମା ଗାନ୍ଧୀଙ୍କ ଜୀବନୀ ସମ୍ପର୍କିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନୀ, କଳାବିକାଶ କେନ୍ଦ୍ର, ପୂର୍ବାହ୍ନ ୧୦ଟା।
- ହକି ଓଡ଼ିଶାର ବାର୍ଷିକ ସାଧାରଣ ଅଧିବେଶନ, ହୋଟେଲ ବ୍ଲୁ ଲାଗୁନ୍, ପୁରୀ ଘାଟ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ୟଙ୍ଗ ଏଣ୍ଟରପ୍ରେନ୍ୟୁଅର୍ସ ଆସୋସିଏଶନର କଷ୍ଟମର ମିଟ୍, ଆସୋସିଏଶନ ସମ୍ମିଳନୀ କକ୍ଷ, ଖପୁରିଆ, ମଧ୍ୟାହ୍ନ୧୨ଟା।

# ନକଲି ଜମି ମାଲିକାଣୀଙ୍କ ସମେତ ଆଉ ୨ ଗିରଫ

## ଜାଲିଆତି କରି ଜମି ବିକ୍ରି ମାମଲା

ଭୁବନେଶ୍ୱର,୨୯।୯(ସତ୍ୟଜିତ୍ ରାଉତ)

ଜାଲିଆତି କରି ଅନ୍ୟଜଣଙ୍କ ଜମିକୁ ବିକ୍ରି କରୁଥିବା ଏକ ର୍ୟାକେଟର ଆଉ ୨ଜଣଙ୍କୁ କମିଶନରେଟ୍ ପୋଲିସ୍‌ର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଗିରଫ କରିଛି। ସେମାନେ ହେଲେ ନକଲି ଜମି ମାଲିକାଣୀ କଟକ ଜଲା ଚୌଦ୍ୱାର ଥାନା ଅନ୍ତର୍ଗତ କପିଳେଶ୍ୱର ଅଞ୍ଚଳର ସୁଶୀଳା ପଟ୍ଟନାୟକ ଓ ଖଣ୍ଡଗିରି ଥାନା ଅନ୍ତର୍ଗତ ଘାଟିକିଆରେ ରହୁଥିବା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳର ଅରୂପ କୁମାର ହାଲ୍‌ଦାର୍। ଉଭୟଙ୍କଠାରୁ ଜାଲ୍ ଦସ୍ତାବିଜ୍, ଷ୍ଟାମ୍ପ, ବ୍ୟାଙ୍କ ପାସ୍‌ବୁକ୍ ଆଦି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ସେପ୍ଟେମ୍ବର ୪ରେ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର୍ ଅଫିସ୍‌ର କିରାଣି ସଞ୍ଜୟ କୁମାର ଷଡ଼ଙ୍ଗୀଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଗିରଫ ସଂଖ୍ୟା ଏବେ ୭କୁ ବୃଦ୍ଧି ପାଇଥିବାବେଳେ ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୁକ୍ତମାନେ ୨୦୧୯ରେ ଚନ୍ଦକା ପାଇକରପୁର ମୌଜାରେ ଥିବା ଗଞ୍ଜାମର ସଂଯୁକ୍ତା ପାଣିଗ୍ରାହୀଙ୍କ ଜମିକୁ ତାଙ୍କ ଅଜାଣତରେ ଜାଲ୍ କାଗଜପତ୍ର ମାଧ୍ୟମରେ ୨ଜଣ ମହିଳାଙ୍କୁ ୬୦ ଲକ୍ଷ ଟଙ୍କାରେ ବିକ୍ରି କରି ଟଙ୍କାକୁ ବାଣ୍ଟି ନେଇଥିଲେ। ଏନେଇ ଜମି ମାଲିକ ସଂଯୁକ୍ତା ଭୁବନେଶ୍ୱର ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗ କରିବାରୁ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚନ୍ଦକା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଏହାଏକ ବଡ଼ଧରଣର ଜମି ଠକେଇ ର୍ୟାକେଟ ହୋଇଥିବାବେଳେ ଏଥିରେ ଏକାଧିକ ବ୍ୟକ୍ତିଙ୍କ ସଂପୃକ୍ତି ରହିଥିବା ଜଣାପଡିଥିଲା। ଏହାପରେ ଏହି ମାମଲାର ତଦନ୍ତ ଭାର ସ୍ପେଶାଲ କ୍ରାଇମ ୟୁନିଟ୍ ନେବା ସହ ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ସୁଶୀଳାଙ୍କୁ ସଞ୍ଜୁକ୍ତା ଦର୍ଶାଇ ପୁଷ୍ପଲତା ସ୍ୱାଇଁ ଏବଂ କମଳା ସ୍ୱାଇଁଙ୍କୁ ବିକ୍ରି କରି ଦେଇଥିଲେ। ପୁଷ୍ପଲତାଙ୍କ ସ୍ୱାମୀ ଚିନ୍ମୟ ଜାଗା ଦଖଲ କରିବାକୁ ଯିବାବେଳେ ଠକେଇ ଘଟଣା ପଦାକୁ ଆସିଥିଲା।



ସୁଶୀଳା ପଟ୍ଟନାୟକ



ଅରୂପ କୁମାର ହାଲ୍‌ଦାର୍



ଇନ୍ଦୁପୂର୍ଣ୍ଣିମା ଅବସରରେ ଶୁକ୍ରବାର ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଐରାବତ ହସ୍ତୀ ଉପରେ ଦେବରାଜ ଇନ୍ଦ୍ର ଉପବିଷ୍ଟ ଥାଇ ନୀତି ସମ୍ପନ୍ନ କରାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଶ୍ରୀମନ୍ଦିରରେ ଇନ୍ଦୁ ପୂର୍ଣ୍ଣିମା ନୀତି ସମ୍ପନ୍ନ

## ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କୁ ବନ୍ଦାପନା

ପୁରୀ, ୨୯।୯(ଅଜିତ ମହାନ୍ତି)

ଭାଦ୍ରବ ପୂର୍ଣ୍ଣିମା ତିଥି ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ଇନ୍ଦୁ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଛି। ଏହି ତିଥିରେ ଇନ୍ଦ୍ର, ଚନ୍ଦ୍ର ଓ ଗୋବିନ୍ଦଙ୍କ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଣ୍ଡିଏ ଆଜ୍ଞାମାଳ ଲାଗି ହୋଇଥିଲା। ଦକ୍ଷିଣୀ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନ ସେବକ ହସ୍ତରେ ବିଜେ କରାଇ ରତ୍ନସିଂହାନକୁ ନେଇଥିଲେ। ପୂଜାପଣ୍ଡା ସେଠାରେ ଦୋଳଗୋବିନ୍ଦଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି କରିଥିଲେ। ଏହାପରେ ବଟବୃକ୍ଷ ତଳେ ଥିବା ପାଲିଙ୍କିରେ ଦୋଳଗୋବିନ୍ଦଙ୍କୁ ବିଜେ କରାଯାଇଥିଲା। ବିମାନବଡ଼ୁ ସେବକମାନେ ଘଣ୍ଟ, ଛତା, କାହାଳୀ ସହିତ ପାଲିଙ୍କିକୁ ନେଇ ସିଂହଦ୍ୱାର ନିକଟ ବଡ଼ଛତା ମଠ ପାର୍ଶ୍ୱରେ ରଖିଥିଲେ। ସେଠାରେ ପଞ୍ଚଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପୂର୍ବରୁ ଦେବରାଜ ଇନ୍ଦ୍ର ଐରାବତ ହସ୍ତୀ ସହ ରହିଥିଲେ। ଶୀତଳ ଭୋଗ ପରେ ଭିତରଛ ମହାପାତ୍ର ଇନ୍ଦ୍ର, ଚନ୍ଦ୍ର ଏବଂ ଗୋବିନ୍ଦଙ୍କୁ ବନ୍ଦାପନା କରିଥିଲେ। ଏହି ଅବସରରେ ହରଚଣ୍ଡୀ ସାହି ଆଖଡ଼ାରୁ ସୁସଜ୍ଜିତ ଐରାବତ ହସ୍ତୀ ଉପରେ ଇନ୍ଦ୍ର ଏବଂ ମାହୁନ୍ତ ବେଶରେ ଦୁଇଜଣ ବ୍ୟକ୍ତି ବସି ସିଂହଦ୍ୱାର ନିକଟକୁ ନୀତି ସମ୍ପାଦନ ପାଇଁ ଆସିଥିଲେ। ସେଠାରେ ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଶୌଚ ପାଇଁ ଯାଇ ନଦୀରେ ଭାସିଗଲେ ବୃଦ୍ଧ

କଣାସ,୨୯।୯(ବିଭୂତି ଭୂଷଣ ତ୍ରିପାଠୀ)

ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧ ଶୁକ୍ରବାର ନଦୀରେ ଭାସିଯାଇଛନ୍ତି। ସେ ହେଲେ କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ କଉଡିଖିଣି ଗ୍ରାମର କୃଷ୍ଣ ବେହେରା(୮୦)। ସୂଚନା ମୁତାବକ, ଅପରାହ୍ନରେ କୃଷ୍ଣ ନଦୀକୁ ଶୌଚ ଲାଗି ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ନଦୀସୋତ୍ରରେ ଭାସିଯାଇଥିଲେ। ନିକଟରେ ଥିବା ଜଣେ ମହିଳା ଏହାଦେଖି ଡାକ ପକାଇବାରୁ ଗ୍ରାମବାସୀ ପହଞ୍ଚି ତଙ୍ଗାରେ ଖୋଜାଖୋଜି କରିବା ସହିତ ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ କୃଷ୍ଣଙ୍କ ସନ୍ଧାନ ମିଳିପାରି ନ ଥିବା ଜଣାପଡ଼ିଛି।

# ନାଳରୁ ବୃଦ୍ଧଙ୍କ ମୃତଦେହ ଜବତ

ନିରାକାରପୁର,୨୯।୯ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍ଗୋଳ ପଞ୍ଚାୟତରେ ଥିବା ଏକ ନାଳରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗୋଳ ଆଦିବାସୀ ସାହିର ପ୍ରଫୁଲ୍ଲ ନାୟକ(୭୩)। ସୂଚନା ମୁତାବକ, ଗୁରୁବାର ସକାଳ ୯ଟାରେ ମାଛ ଧରିବା ପାଇଁ ପ୍ରଫୁଲ୍ଲ କେଉଁଆଡ଼େ ଯାଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ନାଳରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରଫୁଲ୍ଲଙ୍କ ଆଖିରେ ଗଭୀର ଆଘାତ ଲାଗି ନଷ୍ଟ ହୋଇଯାଇଥିବା ବେଳେ କିଛି ଦାନ୍ତ ପାଟି ବାହାରକୁ ଆସିଥିବା ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଛି ବୋଲି ଗ୍ରାମବାସୀ ଅନୁମାନ କରୁଛନ୍ତି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୩) ରୁଜୁ କରି ତଦନ୍ତ ଚଳାଇଛି।

# ବାପା ଟ୍ରାକ୍ଟର ଚଳାଇବା ବେଳେ ପୁଅ ଖସିପଡ଼ି ମୃତ

**ବ୍ରହ୍ମଗିରି,୨୯।୯(ସ୍ୱାଧୀନ ଚମ୍ପତିରାୟ):** ବ୍ରହ୍ମଗିରି ଥାନା ଅନ୍ତର୍ଗତ ଡିମିରିସେଣା ଗାଁରେ ଶୁକ୍ରବାର ରାତିରେ ଗଣେଶ ଭସାଣି ବେଳେ ଏକ ଦୁଃଖଦ ଘଟଣା ଘଟିଛି। ବାପା ଟ୍ରାକ୍ଟର ଚଳାଉଥିବା ବେଳେ ପୁଅ ଖସିପଡ଼ିବାରୁ ମୃତ୍ୟୁ ଘଟିଛି। ମୃତକ ହେଲେ ଦିବ୍ୟ ପ୍ରସାଦ ସ୍ୱାଇଁ। ସୂଚନା ମୁତାବକ, ଗଣେଶ ଭସାଣି ଗାଡିକୁ ପ୍ରମୋଦ ସ୍ୱାଇଁ ଚଳାଉଥିଲେ। ତାଙ୍କ ପାଖରେ ଦିବ୍ୟ ବସିଥିଲେ। ହଠାତ୍ ଦିବ୍ୟ ଗାଡିରୁ ଖସିପଡିଥିଲେ। ଫଳରେ ତାଙ୍କ ଉପରେ ଟ୍ରାକ୍ଟର ଚକା ଚଢିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

# ବଜ୍ରପାତରେ ଜଣେ ମୃତ

**ଗମ୍ଭାରୀମୁଣ୍ଡା,୨୯।୯(ଦିଲୀପ ସ୍ୱାଇଁ):** ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅନ୍ତର୍ଗତ କୁଲେଇ ପଞ୍ଚାୟତରେ ଶୁକ୍ରବାର ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ହଜ ଗ୍ରାମର ବିଶ୍ୱନାଥ ମୁଦୁଲି (୪୫) ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଖବରପାଇ ଗ୍ରାମର କେତେଜଣ ଯୁବକ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମେଜରଙ୍କ କଣ୍ଠରେ 'ରେ ବାଇଆ ଧୋ'

## ସୋସିଆଲ ମିଡିଆରେ ରିଲିଜ୍ ହେଲା

ଭୁବନେଶ୍ୱର,୨୯।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଛୋଟ ପିଲାଙ୍କୁ ଶୁଆଇ ଦେବା ପାଇଁ ବା ଅବୁଝା ପିଲାଙ୍କୁ ଶାନ୍ତ କରିବାକୁ ମା'ମାନେ ପୂର୍ବରୁ ପାଟିରେ ଗୁଣୁଗୁଣୁ ହୋଇ ବିଭିନ୍ନ ଗୀତ ଗାଇଥାନ୍ତି। ଏବେ ଏ କ୍ଷେତ୍ରରେ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହେଉଥିବା ବିଭିନ୍ନ ଗୀତ ଶୁଣାଇ ଖୁଆଇବା ସହ ଶୁଆଉଛନ୍ତି। ତେବେ ଦୀର୍ଘଦିନ ପରେ ଓଡ଼ିଆରେ ପୁଣି ଏପରି ଏକ ନୂଆ ଗୀତ ପ୍ରସ୍ତୁତ ହୋଇଛି, ଯାହାର ନାମ ରହିଛି 'ରେ ବାଇଆ ଧୋ'। ଶୁକ୍ରବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏହା ରିଲିଜ୍ ହୋଇଛି। କଣ୍ଠଶିଳ୍ପୀ ମେଜର ସାହେବ୍‌ଙ୍କ କଣ୍ଠରେ ଗୀତଟି ଅତି ସୁମଧୁର ହୋଇଥିବାବେଳେ ଆରମ୍ଭରୁ ଏହାକୁ ଶ୍ରୋତାମାନେ ବେଶ୍ ପସନ୍ଦ କରିଛନ୍ତି। ପୂର୍ବରୁ ଥିବା 'ଧୋ ରେ ବାୟା ଧୋ' ଗୀତର ଏହା ଏକ ଆଧୁନିକ ଉପସ୍ଥାପନା। ସଙ୍ଗୀତ ପଟ୍ଟନାୟକ ଏହାର ପ୍ରଯୋଜନା କରିଛନ୍ତି। ସାହେବ ତାଙ୍କ ମା'ଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏହି ଗୀତଟିକୁ ସମର୍ପିତ କରି ଗାଇଛନ୍ତି। ସମସାମୟିକ ସଙ୍ଗୀତକୁ ଓଡ଼ିଆ ସଙ୍ଗୀତ ମାଧ୍ୟମରେ ଶ୍ରୋତାଙ୍କ ପାଖେ ପହଞ୍ଚାଇବାକୁ ଏହି ଗୀତ ମାଧ୍ୟମରେ ଚେଷ୍ଟା କରାଯାଇଛି।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ବନ୍ଦି



@ ଅଞ୍ଜନ



@ ରାଜେଶ



@ ସଞ୍ଜିତ୍



@ ପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୭ ଲକ୍ଷ ଟଙ୍କାର ହେରୋଇନ ଜବତ, ମହିଳା ଗିରଫ

ଭୁବନେଶ୍ୱର,୨୯।୯ (ସୂର୍ଯ୍ୟକାନ୍ତ ବେହେରା)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ମହାବୀର ବସ୍ତିରେ ବେଆଇନ ଭାବେ ନିଶାଦ୍ରବ୍ୟ ବେପାର କରୁଥିବା ଜଣେ ମହିଳାଙ୍କୁ ଅବକାରୀ ବିଭାଗ ଚଢାଉ କରି ଗିରଫ କରିଛି। ସେ ହେଲେ ରଞ୍ଜୁଲତା ଶତପଥୀ(୫୩)। ତାଙ୍କଠାରୁ ୭୧ ଗ୍ରାମ ହେରୋଇନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ତେବେ ମହିଳା ଜଣକ କେଉଁଠୁ ହେରୋଇନ ଆଣୁଥିଲେ,ଏହି କାରବାର କେବେଠାରୁ କରୁଥିଲେ ତାହାର ଅଧିକ ତଦନ୍ତ ଚଳାଇଛି ପୋଲିସ।





ଅକ୍ଟୋବର ୧ ବିଶ୍ୱ ନିରାମିଷ ଦିବସ ଓ ଅକ୍ଟୋବର ହେଉଛି ନିରାମିଷ ସଚେତନତା ମାସ। ଲୋକଙ୍କୁ ନିରାମିଷ ଖାଇବାକୁ ପେଟା ଇଣ୍ଡିଆ ପକ୍ଷରୁ ଅନୁରୋଧ କରାଯିବା ସହ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଏକ ବଡ଼ ପ୍ଲେଟ୍ ଆକୃତିରେ ବିଭିନ୍ନ ପ୍ରକାର ପରିବା ସହ ମଣିଷର ଖାଦ୍ୟ ପାଲଟିଥିବା ପ୍ରାଣୀକୁ ରକ୍ତାକ୍ତ ଅବସ୍ଥାରେ ରଖାଯାଇ ସଚେତନତା ସୃଷ୍ଟି କରାଯାଉଛି। (ଫଟୋ-ମୌସମ ନନ୍ଦ)

# ଜାତୀୟସ୍ତରରେ ୬ଷ୍ଠ ସ୍ଥାନରେ କିଟ୍

## ଟାଇମ୍ସ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍

ଭୁବନେଶ୍ୱର,୨୯।୯ (ଅନୁରାଧା ମହାରଣା)

ଟାଇମ୍ସ ହାୟର ଏଜୁକେଶନ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଙ୍ଗ୍ ୨୦୨୪ ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱ ବିଦ୍ୟାଳୟ ବିଶ୍ୱ ତଥା ସର୍ବଭାରତୀୟ ସ୍ତରରେ ତା'ର ସ୍ଥାନ ବଜାୟ ରଖିଛି। ଚଳିତବର୍ଷ ଭଲ ପ୍ରଦର୍ଶନ ସହ ର୍ୟାଙ୍କିଙ୍ଗ୍‌ରେ ଆହୁରି ଉନ୍ନତି କରିଛି। ସର୍ବଭାରତୀୟସ୍ତରରେ ୬୦୧ ସ୍କୋର୍ ହାସଲ କରିବା ସହ ୯୧ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ୬ଷ୍ଠ ସ୍ଥାନରେ ରହିଛି। ଏଥିସହ ଦେଶର ପୂର୍ବାଞ୍ଚଳ ଏବଂ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନରେ ରହିପାରିଛି। ଶୈକ୍ଷିକ ପରିବେଶ, ଗବେଷଣା, ଆବୃତ୍ତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ଇଣ୍ଡଷ୍ଟ୍ରି ଇନ୍‌କମ୍ ଆଦି ମାନଦଣ୍ଡକୁ ନେଇ ଏହି ର୍ୟାଙ୍କ ପ୍ରସ୍ତୁତ କରାଯାଇଛି। ବିଶ୍ୱର ସମସ୍ତ ବିଶ୍ୱବିଦ୍ୟାଳୟକୁ ନେଇ ଟାଇମ୍ସ ହାୟର ଏଜୁକେଶନ ଏହି ର୍ୟାଙ୍କ ପ୍ରସ୍ତୁତ କରିଥାଏ। ଏନେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମିଳିତ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।





THE World University Rankings

